# NATIONAL NEWS BULLETIN (ODIA)

## 6 August - 2024

## Morning Bulletin : 7.15 A.M.

***********************************

## ମୁଖ୍ୟ ସମ୍ବାଦ

- ଫିଜିର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସହ ଆଜି ଦ୍ୱିପାକ୍ଷିକ ବୈଠକ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଇସ୍ତଫା ପରେ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ନେଇ ବାଂଲାଦେଶ ରାଷ୍ଟ୍ରପତିଙ୍କ ସୂଚନା ।
- ପ୍ୟାରିସ୍ ଅଲିମ୍ପିକ୍ସରେ ଆଜି ୪ଟି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଭାରତୀୟ କ୍ରୀଡ଼ାବିତ୍ ।
- ତାମିଲନାଡୁର ସୁଲାର୍ ଠାରେ ଆଜିଠାରୁ ଆରମ୍ଭ ହେବ ତରଙ୍ଗଶକ୍ତି ୨୦୨୪ ।

ଏବଂ

- ଆସାମରେ ଆକସ୍ମିକ ବନ୍ୟା ଯୋଗୁଁ ଜନଜୀବନ ପ୍ରଭାବିତ ।

# ରାଷ୍ଟ୍ରପତି-ଫିଜି ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଫିଜିର ରାଷ୍ଟ୍ରପତି ରାତୁ ୱିଲିୟମ୍ ମାଇଭାଲିଲି କେଟୋନିଭେୟର ଏବଂ ପ୍ରଧାନମନ୍ତ୍ରୀ ସିତିବେନି ରାବୁକାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ। ରାଷ୍ଟ୍ରପତି ମୁର୍ମୁ ଆଜି ସକାଳେ ଫିଜିର ସଂସଦକୁ ସମ୍ବୋଧିତ କରିଛନ୍ତି। ରାଷ୍ଟ୍ରପତି ଗତକାଲି ରାତିରେ ଫିଜିର ରାଜଧାନୀ ସୁବାରେ ପହଞ୍ଚିଥିଲେ। ଫିଜିର ପ୍ରଧାନମନ୍ତ୍ରୀ ସିତିବେନି ରାବୁକା ତାଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ମୁର୍ମୁଙ୍କୁ ଫିଜିର ସେନା ଦ୍ୱାରା ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ପରେ ରାଷ୍ଟ୍ରପତି ଗାର୍ଡ ଅଫ୍ ଅନର୍ ନିରିକ୍ଷଣ କରିଥିଲେ। ଫିଜି ଗସ୍ତ ପରେ ରାଷ୍ଟ୍ରପତି ମୁର୍ମୁ ଆସନ୍ତାକାଲି ଠାରୁ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଯାତ୍ରା କରିବେ। ଗଭର୍ଣ୍ଣର ଜେନେରାଲ ସିଣ୍ଡି କିରୋଙ୍କ ନିମନ୍ତ୍ରଣ କ୍ରମେ ସେ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ସେଠାରେ ସେ ସିଣ୍ଡି କିରୋ ଏବଂ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର୍ ଲୁକ୍ସୋନ୍‌ଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବା ସହିତ ଏକ ଶିକ୍ଷା ସମ୍ମିଳନୀକୁ ସମ୍ବୋଧିତ କରିବେ ଏବଂ ଭାରତୀୟ ବଂଶୋଦ୍ଭବଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ବିଦେଶ ଗସ୍ତର ଶେଷ ପର୍ଯ୍ୟାୟରେ ସେ ତିମୋର ଲେଷ୍ଟେରେ ଅଗଷ୍ଟ ୧୦ରେ ପହଞ୍ଚିବେ। ଏହି ଦେଶକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର  ପ୍ରଥମ ଗସ୍ତ ହେବ।

# ବାଂଲାଦେଶ

ବାଂଲାଦେଶର ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ସେଠାକାର ସଂସଦ ଭଙ୍ଗ କରିଛନ୍ତି । ସେ କହିଛନ୍ତି, ଦେଶରେ ଏକ  ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରାଯିବ। ତିନି ସେନାର ମୁଖ୍ୟଙ୍କ ଉପସ୍ଥିତିରେ ଢାକା ବଙ୍ଗଭବନରେ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ନାଗରିକ ସମାଜ ସଂଗଠନର ପ୍ରତିନିଧିଙ୍କ ସହ ଏକ ବୈଠକରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ବର୍ତ୍ତମାନର ବିଶୃଙ୍ଖଳିତ ପରିସ୍ଥିତିକୁ ଶେଷ କରିବା ଏବଂ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ସେନା ମଧ୍ୟ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଗୃହବନ୍ଦୀ ଥିବା ବାଂଲାଦେଶ ନେସନାଲିଷ୍ଟ ପାର୍ଟିର ଅଧ୍ୟକ୍ଷ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କୁ ମୁକ୍ତ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଷ୍ଟ୍ରପତି ଶାହାବୁଦ୍ଦିନ୍ ବିକ୍ଷୋଭ ସମୟରେ ଗିରଫ ହୋଇଥିବା ଛାତ୍ରମାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଗତକାଲି ଇସ୍ତଫା ଦେଇଥିଲେ ଏବଂ ଏକ ସାମରିକ ବିମାନରେ ଦେଶ ଛାଡ଼ିଥିଲେ। ଏହା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସେନାର ମିଡିଆ ୱିଙ୍ଗ ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେସନ୍ କହିଛି, ସେନା ମୁଖ୍ୟ ଜେନେରାଲ ୱାକର-ଉଜ-ଜମାନ ଶୀଘ୍ର ଛାତ୍ର ଏବଂ ଶିକ୍ଷକ ପ୍ରତିନିଧିଙ୍କୁ ଭେଟିବେ। ଜେନେରାଲ୍ ଜମାନ୍ କହିଛନ୍ତି, ଆଜି ସ୍କୁଲ, କଲେଜ, ମଦ୍ରାସା ଓ

ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ସରକାରୀ ଓ ଅର୍ଦ୍ଧସରକାରୀ କାର୍ଯ୍ୟାଳୟ, ଘରୋଇ କାର୍ଯ୍ୟାଳୟ, କାରଖାନା ଓ ଶିକ୍ଷାନୁଷ୍ଠାନ ଖୋଲା ରହିବ ।

## ସିସିଏସ୍ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ କମିଟି ବାଂଲାଦେଶର ସ୍ଥିତି ସମୀକ୍ଷା କରିଛି । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଯୋଗ ଦେଇଥିଲେ ।

## ଅମରନାଥ ଯାତ୍ରା

ଅମରନାଥ ଯାତ୍ରା ପାଇଁ ଜାମ୍ମୁର ଭଗବତୀ ନଗର ମୂଳ କ୍ୟାମ୍ପରୁ ୧ ହଜାର ୮୭୩ ଜଣ ତୀର୍ଥଯାତ୍ରୀ କାଶ୍ମୀର ଉପତ୍ୟକା ଅଭିମୁଖେ ଯାତ୍ରା କରିଛନ୍ତି । ଆଜି ସକାଳୁ ତୀର୍ଥଯାତ୍ରୀମାନେ ୬୯ଟି ଗାଡ଼ିରେ ଯାତ୍ରା ଆରମ୍ଭ କରିଛନ୍ତି । ସେମାନଙ୍କ ମଧ୍ୟରେ ୧ହଜାର ୫୭୯ ଜଣ ପୁରୁଷ, ୨୦୨ ଜଣ ମହିଳା, ୬୫ ଜଣ ସାଧୁ ଏବଂ ୨୭ ଜଣ ସାଧ୍ୱୀ ଅଛନ୍ତି ।

# ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଆଜି ଭାରତୀୟ କ୍ରୀଡ଼ାବିତ୍‌ମାନେ ହକି, ଆଥଲେଟିକ୍ସ, ଟେବୁଲ୍ ଟେନିସ୍ ଏବଂ କୁସ୍ତିରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ହକିରେ ଭାରତୀୟ ପୁରୁଷ ଦଳ ଆଜି ଜର୍ମାନୀକୁ ଭେଟିବ। ଏହି ମ୍ୟାଚ୍ ୟଭେସ୍-ଡୁ-ମାନୋଇର୍ ଷ୍ଟାଡିୟମରେ ଖେଳାଯିବ, ଯେଉଁଠାରେ ଭାରତୀୟ ଦଳ ଫାଇନାଲରେ ସ୍ଥାନ ପାଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବ। ଭାରତ ଓ ଜର୍ମାନୀ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ସକାଳ ୧୦.୩୦ ମିନିଟରେ ଆରମ୍ଭ ହେବ। ପୂର୍ବତନ ଚାମ୍ପିଅନ୍ ନୀରଜ ଚୋପ୍ରା ଆଜି ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ନିଜର ଅଭିଯାନ ଆରମ୍ଭ କରିବେ। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବାର ଭାରତର ସବୁଠାରୁ ବଡ଼ ଆଶା ହେଉଛନ୍ତି ନୀରଜ ଚୋପ୍ରା। ଆଜି ଅପରାହ୍ଣ ୩.୨୦ ରେ ସେମାନେ ଗ୍ରୁପ୍-ବି ଦଳଗତ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଏହାର ଏକ ଘଣ୍ଟା ପୂର୍ବରୁ ଏସୀୟ କ୍ରୀଡ଼ାର ରୌପ୍ୟ ପଦକ ବିଜେତା କିଶୋର କୁମାର ଜେନା ମଧ୍ୟ ଜାଭେଲିନ୍ ଥ୍ରୋରେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିବାକୁ ଚେଷ୍ଟା କରିବେ। ଆଜି ଅପରାହ୍ଣ ୧ଟା ୫୦ ମିନିଟରେ ଗ୍ରୁପ୍-ଏ ଯୋଗ୍ୟତା ପର୍ଯ୍ୟାୟରେ ସେ ଅଂଶଗ୍ରହଣ କରିବେ। ଆଜି ଅପରାହ୍ଣ ୨.୩୦ରେ ଭାରତର କିରଣ ପହଲ ମହିଳା ୪୦୦ ମିଟର ଦୌଡ଼ର ରେପେଚେଜ୍ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଦୁଇଥର ଅଲିମ୍ପିକ୍ ପଦକ ବିଜେତା

ଭିନେଶ ଫୋଗଟ୍ ମହିଳା ୫୦ କେଜି ପ୍ରି-କ୍ୱାର୍ଟର ଫାଇନାଲରେ ଜାପାନର ସୁସାକି ୟୁଇଙ୍କୁ ଭେଟିବେ। ଟେବୁଲ୍ ଟେନିସରେ, ହରମିତ ଦେଶାଇ, ମାନବ ଠକ୍କର ଏବଂ ଅଚନ୍ତା ଶରତ କମଲ ପୁରୁଷ ଦଳଗତ ପ୍ରତିଯୋଗିତାର ରାଉଣ୍ଡ ଅଫ୍ ୧୬ରେ ଅପରାହ୍ଣ ୧.୩୦ରେ ଚୀନ୍ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ।

# ଅଲିମ୍ପିକ୍ସ-୨

ପ୍ୟାରିସ୍ ଅଲିମ୍ପିକ୍ସରେ ଗତ ରାତିରେ ଅବିନାଶ ସାବଲେ ଆଥଲେଟିକ୍ସରେ ପୁରୁଷ ୩ ହଜାର ମିଟର ଷ୍ଟିପଲଚେଜ୍ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରି ଇତିହାସ ସୃଷ୍ଟି କରିଛନ୍ତି। ଏହି ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି। ପ୍ରତିଯୋଗିତାର ଯୋଗ୍ୟତା ପର୍ଯ୍ୟାୟରେ ସାବଲେ ପଞ୍ଚମ ସ୍ଥାନରେ ରହିଥିଲେ। ଅଗଷ୍ଟ ୮ ତାରିଖରେ ଏହାର ଫାଇନାଲ୍ ଖେଳାଯିବ। ପୂର୍ବରୁ ଟେବୁଲ୍ ଟେନିସରେ ଭାରତୀୟ ମହିଳା ଦଳ ରୋମାନିଆକୁ ୩-୨ ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏହି ଦଳରେ ମନିକା ବାତ୍ରା, ଶ୍ରୀଜା ଆକୁଲା ଏବଂ ଅର୍ଚ୍ଚନା କାମାଥ ରହିଛନ୍ତି। ବ୍ୟାଡମିଣ୍ଟନ ବ୍ରୋଞ୍ଜ ପଦକ ମୁକାବିଲାରେ ଲକ୍ଷ୍ୟ ସେନ୍ ମାଲେସିଆର ଲି ଜି ଜିୟାଙ୍କଠାରୁ ୨୧-୧୩, ୧୬-୨୧, ୧୦-୨୧ ସେଟ୍‌ରେ ପରାସ୍ତ

ହୋଇଥିଲେ। ୬୮ କେଜି ଫ୍ରିଷ୍ଟାଇଲ କ୍ୱାର୍ଟର ଫାଇନାଲରେ ନିଶା ଦାହିଆ ଉତ୍ତର କୋରିଆର ପିଏକେ ସୋଲ ଗେମ୍‌ଙ୍କଠାରୁ ହାରି ଯାଇଥିଲେ। ବନ୍ଧୁକ ଚାଳନାରେ ଅନନ୍ତ ଜିତ୍ ସିଂ ନରୁକା ଏବଂ ମାହେଶ୍ୱରୀ ଚୌହାନ ଦଳଗତ ପର୍ଯ୍ୟାୟରେ ବ୍ରୋଞ୍ଜ ପଦକ ପ୍ଲେ-ଅଫରେ ଚୀନ୍‌ଠାରୁ ହାରି ଯାଇଥିଲେ।

## ବିଏସ୍ଏଫ୍ ମହିଳା ପର୍ବତାରୋହୀ

ସୀମା ସୁରକ୍ଷା ବଳର ଅତିରିକ୍ତ ମହାନିର୍ଦ୍ଦେଶକ ଅନୁରାଗ ଗର୍ଗ ଉତ୍ତରାଖଣ୍ଡ ସ୍ଥିତ ମାଉଣ୍ଟ ମୁକୁଟ ପୂର୍ବ ଅଭିଯାନ ପାଇଁ ଗତକାଲି ନୂଆଦିଲ୍ଲୀରୁ ପ୍ରଥମ ମହିଳା ପର୍ବତାରୋହି ଦଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ୧୨ ଜଣ ମହିଳା ପର୍ବତାରୋହୀଙ୍କ ଦଳ ୨୩ହଜାର ୩୯୨ ଫୁଟ ଉଚ୍ଚତା ବିଶିଷ୍ଟ ମୁକୁଟ ପୂର୍ବ ଶୃଙ୍ଗ ଆରୋହଣ କରିବେ ଏବଂ ସେଠାରେ ଜାତୀୟ ତଥା ସୀମା ସୁରକ୍ଷା ବାହିନୀର ପତାକା ଉତ୍ତୋଳନ କରିବେ। ଏହି ଅବସରରେ ଶ୍ରୀ ଗର୍ଗ କହିଥିଲେ ଯେ ମହିଳା ଓ ପୁରୁଷମାନଙ୍କୁ ଏଭଳି ଅଧିକ ସୁଯୋଗ ଦେବା ଲାଗି ବିଏସ୍ଏଫ୍ ପ୍ରତିଶ୍ରୁତିବଦ୍ଧ। ସେ କହିଛନ୍ତି ଯେ ପ୍ରଥମଥର ପାଇଁ ମହିଳା ପର୍ବତାରୋହୀଙ୍କ ଏକ ଦଳ ୨୩ ହଜାରରୁ ୨୪ ହଜାର ଫୁଟ ଆରୋହଣ କରିବେ। ସେ କହିଥିଲେ ଯେ ବି.ଏସ୍.ଏଫ୍. ବର୍ଷ ବର୍ଷ ଧରି

ପର୍ବତାରୋହଣକୁ ପ୍ରୋତ୍ସାହିତ କରିଆସୁଛି ଏବଂ ଏହାର ଅନେକ ସଦସ୍ୟ ଜାତୀୟ ପୁରସ୍କାର ମଧ୍ୟ ଜିତିଛନ୍ତି। ଶ୍ରୀ ଗର୍ଗ କହିଥିଲେ ଯେ ମାଉଣ୍ଟ ଏଭରେଷ୍ଟ ସମେତ ଅନ୍ୟ ୪୮ଟି ପର୍ବତ ଶୃଙ୍ଗ ଉପରେ ବି.ଏସ୍.ଏଫ୍. ଦୁଇଥର ପତାକା ଉତ୍ତୋଳନ କରିଛି। ଶ୍ରୀ ଗର୍ଗ କହିଥିଲେ ଯେ 'ଆଜାଦୀ କା ଅମୃତ କାଳ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ପଦକ୍ଷେପ ମହିଳା ସଶକ୍ତିକରଣ ଏବଂ ପର୍ବତାରୋହଣ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବ।

## ସମରାଭ୍ୟାସ

ଭାରତ ଆଜିଠାରୁ ତାମିଲନାଡୁର ସୁଲାର ଠାରେ ପ୍ରଥମ ବହୁରାଷ୍ଟ୍ରୀୟ ସମରାଭ୍ୟାସ 'ତରଙ୍ଗ ଶକ୍ତି ୨୦୨୪' ଆୟୋଜନ କରିବ। ପ୍ରାୟ ୩୦ଟି ଦେଶ ଏହି ସମରାଭ୍ୟାସରେ ଅଂଶଗ୍ରହଣ କରିବେ, ଯେଉଁଥିରୁ ଦଶଟି ଦେଶ ସେମାନଙ୍କ ଯୁଦ୍ଧ ବିମାନ ସହିତ ଯୋଗଦେବେ। ନୂଆଦିଲ୍ଲୀରେ ବାୟୁସେନାର ଉପମୁଖ୍ୟ, ଏୟାର ମାର୍ଶଲ A.P. ସିଂହ କହିଛନ୍ତି, ଏହି ଅଭ୍ୟାସର ପ୍ରଥମ ପର୍ଯ୍ୟାୟ ଆଜିଠାରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ତାମିଲନାଡୁର ସୁଲାରରେ ଅନୁଷ୍ଠିତ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ୨୯ ରୁ ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ରାଜସ୍ଥାନର ଯୋଧପୁରରେ ଅନୁଷ୍ଠିତ ହେବ। ସେ କିହଛନ୍ତି, ଏହି ସମରାଭ୍ୟାସରେ ଭାରତ ନିଜର ସ୍ୱଦେଶୀ ଯୁଦ୍ଧ ବିମାନ ଏବଂ ଉପକରଣ ପ୍ରଦର୍ଶନ କରିବ। ଭାରତର ତେଜସ୍, ରାଫେଲ,

ମିରାଜ୍ ୨୦୦୦, ଜାଗୁଆର, ମିଗ୍ ୨୯ ଏବଂ ଅନ୍ୟାନ୍ୟ ଯୁଦ୍ଧ ବିମାନ ଏହି ଅଭ୍ୟାସରେ ଅଂଶଗ୍ରହଣ କରିବେ ବୋଲି ସେ କହିଛନ୍ତି ।

## ଆସାମ ବନ୍ୟା

ଆସାମରେ ପ୍ରବଳ ବର୍ଷା ପରେ ଗତକାଲି ସନ୍ଧ୍ୟାରେ ଆକସ୍ମିକ ବନ୍ୟା ଯୋଗୁଁ ଗୌହାଟୀରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଗୌହାଟୀର ଅନେକ ଅଞ୍ଚଳରେ ଜଳମଗ୍ନ ହୋଇଥିବା ସୂଚନା ମିଳିଛି । ଫଳରେ ଯାନବାହନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି । ରାସ୍ତା ଜଳମଗ୍ନ ହେବା ପରେ ପ୍ରବଳ ଟ୍ରାଫିକ୍ ଜାମ୍ ହେତୁ ଲୋକଙ୍କୁ ଘରେ ପହଞ୍ଚିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା । ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୌହାଟୀ ମ୍ୟୁନିସିପାଲିଟି କର୍ପୋରେସନ୍ ଅଞ୍ଚଳରେ ସ୍କୁଲ, କଲେଜ ଏବଂ କୋଚିଂ ସେଣ୍ଟର ସମେତ ସମସ୍ତ ଶିକ୍ଷାନୁଷ୍ଠାନ ଆଜି ବନ୍ଦ ରହିଛି ।